# REGIONAL NEWS UNIT, AIR CUTTACK

## Morning Bulletin (7.05 AM)

**29 April – 2026**

---

## ମୁଖ୍ୟମନ୍ତ୍ରୀ-ତଦନ୍ତ ନିର୍ଦ୍ଦେଶ

କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ ଅର୍ନ୍ତଗତ ଡ଼ିଆନାଳୀ ଗ୍ରାମରେ ମୃତ ଭଉଣୀଙ୍କ ବ୍ୟାଙ୍କ ଖାତାରୁ  ଟଙ୍କା ଉଠାଣ ମାମଲାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆର୍‌ଡିସି ସ୍ତରୀୟ ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି। ମୁଖ୍ୟମନ୍ତ୍ରୀ ଘଟଣାର ପୁନରାବୃତ୍ତି ନ ହେବା ସହ ଆଗକୁ ଅଧିକ ସମ୍ବେଦନଶୀଳ ହେବାକୁ ବ୍ୟାଙ୍କ ଅଧିକାରୀମାନଙ୍କୁ ପରାମର୍ଶ ଦେଇଛନ୍ତି।

---

## ରାଜସ୍ୱମନ୍ତ୍ରୀ-ବୈଠକ

ଭୁବନେଶ୍ୱର ଲୋକସେବା ଭବନଠାରେ ରାଜସ୍ୱ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀଙ୍କ ଅଧ୍ୟକ୍ଷତାରେ କୋଇଲା ଖଣି ଥିବା ଜିଲ୍ଲାଗୁଡ଼ିକର ତାପଜ ଶକ୍ତି ତଥା ଅନ୍ୟାନ୍ୟ ପ୍ରକଳ୍ପ ନେଇ ଜମି ଅଧିଗ୍ରହଣ, ପୁନର୍ବାସ ଓ ଥଇଥାନ ସଂପର୍କରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ଜମି ଅଧିଗ୍ରହଣ ଯୋଗୁଁ ବିସ୍ଥାପିତ ଲୋକଙ୍କ ପୁନର୍ବାସ ଓ ଥଇଥାନ ସୁନିଶ୍ଚିତ କରିବା ପାଇଁ ଶ୍ରୀ ପୂଜାରୀ ନିର୍ଦ୍ଦେଶ ଦେଇଛନ୍ତି । ରାଜ୍ୟ ସରକାରଙ୍କ ପକ୍ଷରୁ ଖୁବ୍‌ଶୀଘ୍ର ପୁନର୍ବାସ ଓ ଥଇଥାନ ନୀତି କାର୍ଯ୍ୟକାରୀ ହେବ ବୋଲି ମନ୍ତ୍ରୀ କହିଛନ୍ତି ।

---

# ଯୋଗାଣ ମନ୍ତ୍ରୀ-ବୈଠକ

ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ରାଜ୍ୟରେ ରନ୍ଧନ ଗ୍ୟାସ୍ ଏବଂ ପେଟ୍ରୋଲ୍ ଡିଜେଲର ଉପଯୁକ୍ତ ଯୋଗାଣର ସ୍ଥିତି ସମୀକ୍ଷା କରିଛନ୍ତି। ଲୋକସେବା ଭବନରେ ଆୟୋଜିତ ବୈଠକରୁ ଜଣାପଡ଼ିଛି, ରାଜ୍ୟରେ ଘରୋଇ ରନ୍ଧନ ଗ୍ୟାସ୍ ଯୋଗାଣ ସଂପୂର୍ଣ୍ଣ ସ୍ୱାଭାବିକ ରହିଛି । ସେହିଭଳି ପେଟ୍ରୋଲ ଓ ଡିଜେଲ ମଧ୍ୟ ପର୍ଯ୍ୟାପ୍ତ ପରିମାଣରେ ମହଜୁଦ ରହିଛି । କୌଣସି ପ୍ରକାରର ଗୁଜବଠୁ ଦୂରେଇ ରହିବା ପାଇଁ ମନ୍ତ୍ରୀ ଜନସାଧାରଣଙ୍କୁ ନିବେଦନ କରିଛନ୍ତି ।

---

# ଦରମା ବୃଦ୍ଧି

ରାଜ୍ୟରେ ଥିବା ସରକାରୀ ଆୟୁର୍ବେଦିକ ଓ ହୋମିଓପାଥି ମେଡ଼ିକାଲ କଲେଜଗୁଡ଼ିକରେ କାର୍ଯ୍ୟରତ ଚୁକ୍ତିଭିତ୍ତିକ ଲେକ୍‌ଚରର, ରିଡର ଏବଂ ପ୍ରଫେସରମାନଙ୍କ ଦରମା ପୁନଃନିର୍ଦ୍ଧାରଣ ଓ ବୃଦ୍ଧି କରାଯାଇଛି । ଏହି ପ୍ରସ୍ତାବକୁ ଅର୍ଥ ବିଭାଗର ମଂଜୁରୀ ମିଳିଛି। ନିଷ୍ପତ୍ତି ଅନୁସାରେ, ରିଡରମାନଙ୍କ ଦରମା ୮୦ହଜାର, ପ୍ରଫେସରମାନଙ୍କ ଦରମା ୧ ଲକ୍ଷ ଟଙ୍କା ଏବଂ ଲେକ୍‌ଚରରମାନଙ୍କ ଦରମା ପ୍ରତିମାସ ୭୦ ହଜାର ଟଙ୍କା ନିର୍ଦ୍ଧାରଣ କରାଯାଇଛି ।

---

## ସମ୍ମିଳନୀ

ଶାସନରେ ପ୍ରଶାସନିକ ତଥ୍ୟର ସମନ୍ୱୟ ବିଷୟବସ୍ତୁକୁ ନେଇ ଭୁବନେଶ୍ୱରରେ ଆଜିଠାରୁ ଦୁଇଦିନିଆ ଜାତୀୟ ସମ୍ମିଳନୀ ଆରମ୍ଭ ହେଉଛି।

ଉଦ୍‌ଘାଟନୀ ଅଧିବେଶନରେ କେନ୍ଦ୍ର ପରିସଂଖ୍ୟାନ ଓ କାର୍ଯ୍ୟକ୍ରମ ରୂପାୟନ ରାଷ୍ଟ୍ରମନ୍ତ୍ରୀ ରାଓ ଇନ୍ଦ୍ରଜିତ୍‌ ସିଂହ ଯୋଗଦେବେ। ସମ୍ମିଳନୀରେ ତୃଣମୂଳ ସ୍ତରରେ ତଥ୍ୟ ସମନ୍ୱୟ କ୍ଷେତ୍ରରେ ଦେଖାଦେଉଥିବା ପ୍ରତିବନ୍ଧକ ଗୁଡ଼ିକୁ ଜାଣିବା ଏବଂ ସମାଧାନ କରିବା ଉପରେ ଗୁରୁତ୍ୱ ପ୍ରଦାନ କରାଯିବ ।

---

## ପଶ୍ଚିମବଙ୍ଗ ନିର୍ବାଚନ

ପଶ୍ଚିମବଙ୍ଗରେ ଆଜି ଦ୍ୱିତୀୟ ତଥା ଅନ୍ତିମ ପର୍ଯ୍ୟାୟ ବିଧାନସଭା ନିର୍ବାଚନ ପାଇଁ ସକାଳ ୭ଟାରେ ମତଦାନ ଆରମ୍ଭ ହୋଇଛି । ଏହି ପର୍ଯ୍ୟାୟରେ ୭ଟି ଜିଲ୍ଲାର ୧୪୨ଟି ଆସନ ପାଇଁ ଭୋଟ୍‌ଗ୍ରହଣ ହେଉଛି । ୩ କୋଟି ୨୦ଲକ୍ଷରୁ ଅଧିକ ଭୋଟର ସେମାନଙ୍କ ସାମ୍ବିଧାନିକ ଅଧିକାର ସାବ୍ୟସ୍ତ କରୁଛନ୍ତି। ନିର୍ବାଚନରେ ୧ହଜାର ୪୪୮ଜଣ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି ।

---

## ବୈଠକ

ରାଜ୍ୟର ଦୀର୍ଘକାଳୀନ ବିକାଶ ରୂପରେଖ ପ୍ରସ୍ତୁତ କରିବା ପାଇଁ ପ୍ରଶାସନିକ ଓ ଶାସନ ସଂସ୍କାର କମିଟିର ସଦସ୍ୟ ଓ.ପି ଅଗ୍ରୱାଲଙ୍କ ସହ ଏକ ଉଚ୍ଚସ୍ତରୀୟ ପରାମର୍ଶଦାତା ବୈଠକ ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ମୁଖ୍ୟ ଶାସନ ସଚିବ ଉଷାପାଢ଼ୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ବିକଶିତ ଓଡ଼ିଶାର ଲକ୍ଷ୍ୟକୁ ସାକାର କରିବା ପାଇଁ ସମନ୍ୱିତ ଯୋଜନା ପ୍ରଣାଳୀ ସୁଦୃଢ଼ କରିବା ଓ ପ୍ରଶାସନିକ ସଂସ୍କାରକୁ ଆଗେଇ ନେବା ଉପରେ ଆଲୋଚନା ହୋଇଥିଲା ।

---

# ନୂତନ କୁଳସଚିବ

ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର କୁଳସଚିବ ଭାବେ ଓଡ଼ିଶା ଜଳ ଯୋଗାଣ ବିଭାଗ ତଥା ସ୍ୱେରେଜ୍ ବୋର୍ଡର ପ୍ରଶାସନିକ ଅଧିକାରୀ ଚିନ୍ମୟୀ କହଁରଙ୍କୁ ନିଯୁକ୍ତ କରାଯାଇଛି। ପୂର୍ବରୁ ବିଶ୍ୱବିଦ୍ୟାଳୟର କୁଳସଚିବ ଦାୟିତ୍ୱରେ ଥିବା ସଚିଦାନନ୍ଦ ନାୟକ ଗଞ୍ଜାମର ଅତିରିକ୍ତ ଜିଲ୍ଲାପାଳ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି।

# ଆଦର୍ଶ ଗ୍ରାମ ଯୋଜନା ବୈଠକ

ନୟାଗଡ଼ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ପ୍ରଧାନମନ୍ତ୍ରୀ ଆଦର୍ଶ ଗ୍ରାମ ଯୋଜନା ସମ୍ବନ୍ଧୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଅନୁସୂଚିତ ଜାତିବହୁଳ ଗ୍ରାମର ବିକାଶ ସହ ସେମାନଙ୍କ ସାମାଜିକ ଓ ଆର୍ଥିକ ଉନ୍ନତିକରଣ ପାଇଁ ଉଦ୍ଦିଷ୍ଟ ଯୋଜନାଗୁଡ଼ିକ ସଂପର୍କରେ ଆଲୋଚନା ହୋଇଥିଲା ।

## ପକ୍ଷୀଙ୍କ ପାଇଁ ଦିନଟିଏ

ନୂଆପଡା ଜିଲ୍ଲା ପ୍ରଶାସନ ପକ୍ଷରୁ ପକ୍ଷୀଙ୍କ ପାଇଁ ଦିନଟିଏ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରଚଣ୍ଡ ଗ୍ରୀଷ୍ମତାପରେ ତୃଷାର୍ତ୍ତ ପଶୁପକ୍ଷୀମାନଙ୍କ ଉଦ୍ଦେଶ୍ୟରେ ନିଜ ନିଜ ବାଡି ବଗିଚା ଓ ଘର ସମ୍ମୁଖରେ ଜଳପୂର୍ଣ୍ଣ ପାତ୍ର ରଖିବା ପାଇଁ ପ୍ରଶାସନ ପକ୍ଷରୁ ଜନସାଧାରଣଙ୍କୁ ନିବେଦନ କରାଯାଇଛି।

## ମାନସିକ ରୋଗ

**ଗଜପତି** ଜିଲ୍ଲା ସଦର ମହକୁମା ପାରଳାଖେମୁଣ୍ଡିଠାରେ ମାନସିକ ସ୍ୱାସ୍ଥ୍ୟକୁ ନେଇ ଜିଲ୍ଲା ଆଇନ୍‌ସେବା ପ୍ରାଧିକରଣ ପକ୍ଷରୁ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି ।

---

## ବାଲ୍ୟବିବାହ ପ୍ରଥା

ବ୍ରହ୍ମପୁରରେ ବାଲ୍ୟବିବାହ ପ୍ରଥା ବିରୁଦ୍ଧରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି ।

---

## ପାଣିପାଗ

ରାଜ୍ୟରେ ଗ୍ରୀଷ୍ମ ପ୍ରବାହ ଜାରି ରହିଛି । ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନା ଅନୁସାରେ ଗତକାଲି  ୧୩ଟି ସ୍ଥାନର ତାପମାତ୍ରା ୪୦ ଡିଗ୍ରୀ ସେଲ୍‌ସିୟସ ଉପରେ ରହିଥିଲା । ଝାରସୁଗୁଡ଼ାଠାରେ ସର୍ବୋଚ୍ଚ ତାପମାତ୍ରା ୪୫ ଦଶମିକ ୩ ଡିଗ୍ରୀ ସେଲ୍‌ସିୟସ୍ ରେକର୍ଡ କରାଯାଇଥିଲା । ତେବେ ରାଜ୍ୟର ପ୍ରାୟ ସମସ୍ତ ଜିଲ୍ଲାରେ ଆଜିଠାରୁ କାଳବୈଶାଖୀର ପ୍ରଭାବରେ ବର୍ଷା ହେବାର ସମ୍ଭାବନା ରହିଛି । ଏହାର ପ୍ରଭାବରେ ଦିନର ତାପମାତ୍ରା ହ୍ରାସ ପାଇବା ନେଇ ପାଣିପାଗ କେନ୍ଦ୍ର ପକ୍ଷରୁ ଅନୁମାନ କରାଯାଇଛି ।

---

# ଅନ୍ତର୍ଜାତୀୟ ନୃତ୍ୟ ଦିବସ

ନୃତ୍ୟର ବିବିଧ ଶୈଳୀ ସଂପର୍କରେ ଲୋକଙ୍କୁ ସଚେତନ କରାଇବା ତଥା ନୃତ୍ୟଶିଳ୍ପୀମାନଙ୍କୁ ପ୍ରୋତ୍ସାହିତ କରିବା ଉଦ୍ଦେଶ୍ୟରେ ଆଜି ଅନ୍ତର୍ଜାତୀୟ ନୃତ୍ୟ ଦିବସ ପାଳନ କରାଯାଉଛି। ପ୍ରତିବର୍ଷ ଏପ୍ରିଲ ମାସ ୨୯ତାରିଖରେ ପ୍ରସିଦ୍ଧ ନୃତ୍ୟଶିଳ୍ପୀ ଜିନ୍-ଜର୍ଜେସ୍ ନୋଭେରଙ୍କ ସମ୍ମାନାର୍ଥେ ଏହି ଦିବସ ପାଳନ କରାଯାଇଥାଏ। ୧୯୮୨ ମସିହାରେ ଇଣ୍ଟରନ୍ୟାସନାଲ ଥିଏଟର ଇନ୍‌ଷ୍ଟିଚ୍ୟୁଟ୍‌ର ନୃତ୍ୟ କମିଟି ଦ୍ୱାରା ଅନ୍ତର୍ଜାତୀୟ ନୃତ୍ୟ ଦିବସ ପାଳନ ପାଇଁ ନିଷ୍ପତ୍ତି ନିଆଯାଇଥିଲା।

---

# କ୍ରିକେଟ୍

ଓସିଏ ଆନୁକୂଲ୍ୟରେ ଚାଲିଥିବା ୧୬ ବର୍ଷରୁ କମ୍ ଆନ୍ତଃଜିଲ୍ଲା କ୍ରିକେଟ୍ ଟୁର୍ଣ୍ଣାମେଣ୍ଟର କ୍ୱାର୍ଟର ଫାଇନାଲ୍‌ରେ ଭୁବନେଶ୍ୱର-ଏ, କଟକ-ଏ ସୁନ୍ଦରଗଡ଼ ଓ ଖୋର୍ଦ୍ଧା ଦଳ ବିଜୟୀ ହୋଇ ସେମିଫାଇନାଲ୍‌ରେ ପ୍ରବେଶ କରିଛନ୍ତି । ଆଜି ସେମିଫାଇନାଲ୍ ମ୍ୟାଚ୍ ଖେଳାଯିବ ।

---